# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



# ଭଲ ରାଜାଗଣ, ମନ୍ଦ ରାଜାଗଣ

ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ମନଃଶିଙ୍କ ନିମନ୍ତେ ଏହା ଏକ ଦୁଃଖଭରା ଦିନ ଥାଲା । ତାଙ୍କର ପିତା, ରାଜା ହିଜକିଅଙ୍କର ମୃତୁ ହୋଇଗଲା । ବର୍ତ୍ତମାନ୍ ତାହାର ବୟଷ ମାତ୍ର ବାର ବର୍ଷ, ନୂତନ ଭାବରେ ମନଃଶି ଯିହୁଦା ପ୍ରଦେଶର ରାଜା ହୋଇଗଲେ । ସେହି ସମୟରେ ସେ ଏହା ଜାଣି ନ ଥିଲେ, ମାତ୍ର ପ୍ରାୟ ପଞ୍ଚାବନ ବର୍ଷ ପର୍ଯ୍ୟନ୍ତ ଯିହୁଦାର  ରାଜ୍ୟ କଲେ ।

ମନଃଶିଙ୍କୁ ଉତ୍ତମ ରାଜା ହେବା ନିମନ୍ତେ ସଦାପ୍ରଭୁଙ୍କର ସହାଯ୍ୟର ଆବଶ୍ୟକ ଥିଲା ।



କିନ୍ତୁ ମନଃଶି ସଦାପ୍ରଭୁଙ୍କୁ ଉପେକ୍ଷା କରି ପାପ କଲେ । ମନଃଶି ମୂର୍ତ୍ତୀପୂଜା କରିବାକୁ ବେଦି ନିର୍ମାଣ କଲେ । ଏପରି କି ସେ ଏକ ଖୋଦୀତ ପ୍ରତିମା ନିର୍ମାଣ କଲେ, ମନ୍ଦିରରେ ମଧ୍ୟ ସେ ସେହି ପ୍ରତିମାକୁ ସ୍ଥାପନ କଲେ । ଯାହା ବିଷୟରେ ସଦାପ୍ରଭୁ ମୋଶାଙ୍କୁ କହିଥିଲେ, ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦୀତ ପ୍ରତିମା ନିର୍ମାଣ କରିବ ନାହିଁ । ତୁମ୍ଭେ ତାହକୁ ପ୍ରଣାମ କିମ୍ବା ତହାର ସେବା କରିବ ନାହିଁ ।



ମନଃଶି ଦେଶରେ ମନ୍ତ୍ରବିଦ୍ୟା ଓ ଯାଦୁଟଣା ମଧ୍ୟ ଅଭ୍ୟସ କଲେ । ସେ ସାଧାରଣ ଲୋକମାନଙ୍କୁ ସଦାପ୍ରଭୁଙ୍କଠାରୁ ଦୂରେଇ ନେଲେ । ଏପରି କି ସେ ନିଜର ପୁତ୍ରସନ୍ତାନ ମାନଙ୍କୁ ପ୍ରତିମା ପୂଜାରେ ହୋମବଳି ଉତ୍ସର୍ଗ କଲେ । ମନଃଶି ସଦାପ୍ରଭୁଙ୍କୁ ଅବଜ୍ଞା କରିବାରୁ ସଦାପ୍ରଭୁ ଅତ୍ୟଧିକ କ୍ରୋଧ କଲେ ।



ଯେତେବେଳେ ତାଙ୍କ ଲୋକମାନେ ଅବଜ୍ଞା କଲେ, ସଦାପ୍ରଭୁ ସେମାନଙ୍କୁ ଶାସ୍ତି ଦେବାକୁ ଅନୁମତି ଦେଲେ । ସେହିପ୍ରକାରେ ମନଃଶି ଓ ତାଙ୍କ ଲୋକମାନଙ୍କ ସହିତ ହେଲା ଯେଉଁମାନଙ୍କୁ ସେ ଶାସନ କରୁଥିଲେ । ସଦାପ୍ରଭୁ ଅସିରୀୟ ସୈନ୍ୟମାନଙ୍କୁ ସେମାନଙ୍କ ବିରୁଦ୍ଧରେ ଆଣିଲେ ସେମାନେ ମନଃଶିଙ୍କୁ ଲୁହାବେଢ଼ି ପକାଇ ବାବିଲ୍‌କୁ ନେଇଗଲେ ।





ସେମାନେ ଦୁଃଖରେ ବାବିଲରେ, ମନଃଶି ତାଙ୍କ ପରମେଶ୍ୱର ସଦାପ୍ରଭୁଙ୍କୁ ନିବେଦନ କଲେ । ସେ ସଦାପ୍ରଭୁ ନିଜ ପୂର୍ବପୁରୁଷମାନଙ୍କ ପରମେଶ୍ୱରଙ୍କ ଆଗରେ ନିଜକୁ ଅତି ନମ୍ରକଲେ ଓ ପ୍ରର୍ଥନା କଲେ । ସେ ପୁନଶ୍ଚ ସେହି ପ୍ରତିମା ପୂଜା କଲେନାହିଁ, କିନ୍ତୁ ତାଙ୍କର ଏହିପ୍ରକାର ପାପ ନିମନ୍ତେ ସଦାପ୍ରଭୁ ସେହି ଜୀବିତ ପରମେଶ୍ୱର

କି ମନଃଶିଙ୍କୁ ଉତ୍ତର ଦେବେ?

ହଁ, ସଦାପ୍ରଭୁ ରାଜାଙ୍କର ପ୍ରାର୍ଥନା ସ୍ୱିକାର କଲେ ଓ ତାଙ୍କୁ ଯିରୁଶାଲମକୁ ନେଇ ଆସିଲେ, ଏବଂ ପୁନର୍ବାର ସେ ଲୋକମାନଙ୍କ ଉପରେ ରାଜ୍ୟ କଲେ, ତାହାପରେ ମନଃଶି ଜାଣିପାରିଲେ ସଦାପ୍ରଭୁ ଜୀବିତ ଅଟନ୍ତି ।



ରାଜା ମନଃଶି ଏକ ନୂତନ ଲୋକ ହୋଇଗଲେ, ସେ ସଦାପ୍ରଭୁଙ୍କ ଗୃହରୁ ସେହି ପ୍ରତିମା ବାହର କରିଦେଲେ, ଏବଂ ସମସ୍ତ ବିଦେଶି ଦେବତାଗଣଙ୍କୁ ଯିରୁଶାଲମରେ ଏକତ୍ର କଲେ । ସେ ସମସ୍ତ ପ୍ରତିମାଗୁଡ଼ିକ ଫିଙ୍ଗିଦେଲେ ।



ସେ ବେଦିକୁ ମରାମତ କଲେ ଓ ଧନ୍ୟବାଦାର୍ଥକ ବଳୀ ଉତ୍ସର୍ଗ କଲେ । ତହାପରେ ସେ ଇସ୍ରାଏଲର ସଦାପ୍ରଭୁଙ୍କୁ ସେବା କରିବାକୁ ତାଙ୍କ ଲୋକମାନଙ୍କୁ ଆଦେଶ ଦେଲେ । ମନଃଶିଙ୍କ ଜୀବନରେ କି ପରିବର୍ତ୍ତନ ହେଲା !



ଯେତେବେଳେ ମନଃଶିଙ୍କ ମୃତ୍ତୁ ହୋଇଗଲା, ତାଙ୍କର ନିଜ ପୁତ୍ର, ଆମନ୍, ପୁଣି ପ୍ରତିମା ପୂଜା କରିବାକୁ ଫେରିଗଲେ । କିନ୍ତୁ ସେ ସଦାପ୍ରଭୁଙ୍କ ଆଗରେ ମନଃଶିଙ୍କ ସମାନ ନିଜକୁ ନତ କଲେନାହି, ଆମନ ଅଧିକରୁ ଅଧିକ ପାପ କରିବାକୁ ଲାଗିଲେ, ଶେଷରେ ତାଙ୍କର ଗୃହ ମଧ୍ୟରେ ନିଜ ଚାକରମାନେ ତାଙ୍କୁ ବଧ କଲେ, ସେ କେବଳ ଦୁଇବର୍ଷ ରାଜ୍ୟ କରେଥିଲେ ।



ପରବର୍ତ୍ତୀ ରାଜା, ଯୋଶିଅ ଯେତେବେଳେ ରାଜା
ହେଲେ ତାଙ୍କ ବୟସ ମାତ୍ର ଆଠବର୍ଷ ଥିଲା ।
ସେ ଏକତିରିଶ ବର୍ଷ ପର୍ଯ୍ୟନ୍ତ ରାଜ୍ୟକଲେ,
ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ଭଲ
ତାହା କଲେ । ସେ ସମସ୍ତ ଦେବସ୍ଥାନ,
ଯଜ୍ଞବେଦି ଓ ଆଶେରାମୂର୍ତ୍ତୀ ଓ ଖୋଦିତ
ପ୍ରତିମା ସବୁ ଭାଙ୍ଗି ପକାଇଲେ ।
ଯୋଶିୟ ସମସ୍ତ ମୂର୍ତ୍ତୀଗୁଡ଼ାକ
ଗୁଣ୍ଡକରି ଜମିରେ
ପକାଇଲେ ।



ସେହି ଉତ୍ତମ ରାଜା ଯୋଶିୟ ଈଶ୍ୱରଙ୍କ ମନ୍ଦିରକୁ ସଫାକରି ପୁଃନ ନିର୍ମାଣ କଲେ । ସେହି ଅଳିଆ ମଧ୍ୟରୁ ଏକ ଯାଜକ ମୋଶାଙ୍କ ଦ୍ୱାରା ଦତ୍ତ ସଦାପ୍ରଭୁଙ୍କ ବ୍ୟବସ୍ଥା ପୁସ୍ତକ ପାଇଲା ।



ଯେତେବେଳେ ରାଜା ଯୋଶିୟ ଉକ୍ତ ପରମେଶ୍ୱରଙ୍କ ବାକ୍ୟ ଶୁଣିବାମାତ୍ରେ ତାଙ୍କ ଅନ୍ତଃକରଣ କୋମଳ ହେଲା ସେ ଦୁଃଖରେ ଆପଣା ବସ୍ତ୍ର ଚିରି ପକାଇଲେ । ସେ ବୁଝିପାରିଲ ଯେ ତାଙ୍କ ପୂର୍ବପୁରୁଷମାନେ କିପରି ଦୁଷ୍ଟ ଥିଲେ ସେମାନେ ସଦାପ୍ରଭୁଙ୍କର ବାକ୍ୟର ଅବାଧ୍ୟ ହେଲେ ।



ଭବିଷ୍ୟଦବକ୍ତ୍ରୀ ଯାହାର ନାମ ହୁଲ୍‌ଦା ସଦାପ୍ରଭୁଙ୍କର ସମ୍ବାଦ
ଯୋଶିୟଙ୍କୁ ଜଣାଇଲେ । ସଦାପ୍ରଭୁ ଏହି କଥା କହିନ୍ତି, ଦେଖ, ଆମ୍ଭେ
ଏହି ପୁସ୍ତକରେ ଲିଖିତ ସକଳ ଅଭିଶାପ ସେମାନଙ୍କ ଉପରେ ଘଟାଇବା
କାରଣ ସେମାନେ ଆମ୍ଭକୁ ପରିତ୍ୟାଗ କରିଅଛନ୍ତି ।
ମାତ୍ର ଯୋଶିୟ ସଦାପ୍ରଭୁଙ୍କ ଦୃଷ୍ଟିରେ ନମ୍ର



ଓ ଆଜ୍ଞାବହ ଥିବାରୁ ଏହା
ତାଙ୍କର ମୃତୁ ପରେ ହିଁ
ଏହି ସମସ୍ତ ଘଟିବ ।

ସଦାପ୍ରଭୁ ତାଙ୍କ ଲୋକମାନଙ୍କୁ ତାଙ୍କ ନିକଟକୁ ଫେରାଇ ଆଣିବାକୁ ଯୋଶିୟଙ୍କୁ ସାହାଯ୍ୟ କଲେ, ଦିନେ, ଯୁଦ୍ଧରେ ତାଙ୍କ ସୈନ୍ୟଦଳ ପରିଚାଳନା କରିବା ସମୟରେ, ଯୋଶିୟ ଶତ୍ରୁମାନଙ୍କ ଧନୁରେ ଅତି ଗମ୍ଭିର ଭାବରେ ଆଘାତ ହୋଇଥିଲେ ।



ତାଙ୍କର ଦାସମାନେ ତାହାଙ୍କୁ ରଥରେ ବସାଇ ଯିରୁଶାଲମକୁ ନେଇଗଲେ ସେଠାରେ ତାଙ୍କର ମୃତ୍ରୁ ହୋଇଗଲା । ତାହାଙ୍କ ସମସ୍ତ ଲୋକ ଶୋକକଲେ ଓ ତାହାଙ୍କର ଉତ୍ତମ ରାଜା ଯୋଶିୟଙ୍କ ଉଦ୍ଦେଶ୍ୟରେ ଗୀତ ରଚ଼ନା କଲେ ।





ଶୀଘ୍ର ତାହାପରେ, ରାଜ୍ୟର ପତନ ଘଟିଲା । କିନ୍ତୁ ଭବିଷ୍ୟତରେ ଏକ ରାଜା ଇସ୍ରାଏଲ୍ ଉପରେ ନିଯୁକ୍ତ ହେବେ । ଯାହାଙ୍କୁ ରାଜାଙ୍କ ରାଜା ଓ ପ୍ରଭୁଙ୍କ ପ୍ରଭୁ ନାମରେ ଖ୍ୟାତି ହେବ ।



ଯେତେବେଳେ ଯୀଶୁ ଖ୍ରୀଷ୍ଟ

ପ୍ରଥମଥର ପାଇଁ ଆସିଥିଲେ

ତାହାଙ୍କୁ ଅସ୍ୱୀକୃତ କରି

କୃଶରେ ହତ କରାଗଲେ ।

ଯେତେବେଳେ ସେ ପୁଣି

ଆସିବେ, ସେ କେବଳ

ଇସ୍ରାଏଲର ରାଜା ନୁହେଁ,

ମାତ୍ର ସାରା ଜଗତର ରାଜା

ହୋଇ ଆସିବେ ।

ଭଲ ରାଜାଗଣ, ମନ୍ଦ ରାଜାଗଣ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦ୍ୱୀତୀୟ ବଂଶାବଳୀ ୩୩-୩୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬